# Akashvani, Sambalpur

## SAMBALPURI NEWS EVENING BULLETIN

## 20 August 2025- 7.02 pm- 7.12 pm.

**********************************************

୧- ଲୋକ୍‌ସଭା ନ ପାରିତ୍ ହେଲା ଅନ୍‌ଲାଇନ୍ ଗେମିଂ ପ୍ରସାରଣ୍ ନିୟନ୍ତ୍ରଣ ବିଲ୍-୨୦୨୫ ।

- ଇ-କ୍ରୀଡ଼ାକେ ତହଁକାବାର୍ ସହେତେ ବେଆଇନ୍ ଆର୍ଥିକ୍ କାର୍‌ବାର୍ ଲୁକ୍‌କୁ ବିଧେୟକ୍ ଦେବା ସୁରକ୍ଷା ।

୨- ଚାନ୍ଦିପୁର୍ କ୍ଷେପଣାସ୍ତ୍ର ଘାଟିନୁ ଅଗ୍ନି-୫ କ୍ଷେପଣାସ୍ତ୍ରର୍ ହେଲା ସଫଲ୍ ପରୀକ୍ଷଣ୍ ।

୩- ମହିଳାମାନ୍‌କର୍ ନ୍ୟାୟିକା ଅଧିକାର୍ ଲାଗି ଫି’ ପଂଚାୟତ୍ ନ ନିଯୁକ୍ତ ହେବେ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ।

ଆଉର୍

୪- ବିଶିଷ୍ଟ ନାଟ୍ୟକାର୍ ପଦ୍ମଶ୍ରୀ ବିନୋଦ ପଶାୟତଙ୍କର୍ ପରଲୋକ୍ ।

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହେତେ କରାଯାଇଛେ ଅନ୍ତିମ୍ ସଂସ୍କାର୍ ।

ଲୋକ ସଭା ଅନ୍‌ଲାଇନ୍ ଗେମିଂ ବିଲ୍     ଏନ୍‌ଏସ୍‌ଡି

ଲୋକ ସଭା ନ ଆଏଜ୍ ଅନ୍‌ଲାଇନ୍ ଗେମିଂ ପ୍ରସାର ଆଉ ନିୟନ୍ତ୍ରଣ ବିଧେୟକ୍-୨୦୨୫ ବିଧେୟକ୍ ପାରିତ୍ ହେଇଛେ । ସୂଚ୍‌ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ବିଧେୟକ୍‌କେ ଆଗତ୍ ଲୋକ୍‌ସଭା ନ ଆଗତ୍ କରିଥିଲେ । ଅନ୍‌ଲାଇନ୍-କ୍ରୀଡ଼ା ଆଉ ଅନ୍‌ଲାଇନ୍ ସାମାଜିକ୍ ଖେଲ୍‌କେ ଇ ବିଲ୍ ତହଁକାବାର୍ ସହେତେ ବେଆଇନ୍ ଆର୍ଥିକ୍ କାରବାର, ବିଜ୍ଞାପନନୁ ଲୁକ୍‌କୁ ସୁରକ୍ଷା ଦେବା ।

(ଭଏସ୍ ଓଭର୍-ଅଶ୍ୱିନୀ ବୈଷ୍ଣବ୍)

ଅନ୍‌ଲାଇନ୍ ଗେମିଙ୍ଗ୍ ବିଲ୍-୨୦୨୫ ବିଧେୟକ୍‌ଥି ଅନ୍‌ଲାଇନ୍ ଗେମ୍ କ୍ଷେତ୍ରଥି ରଣନୈତିକ୍ ବିକାଶ୍ ନିୟାମକ ତଦାରଖ୍ ଲାଗି ଗୁଟେ ଅନ୍‌ଲାଇନ୍ ଗେମିଙ୍ଗ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରାଯିବାର୍ ବ୍ୟବସ୍ଥା ରହିଛେ । ବ୍ୟକ୍ତିବିଶେଷ୍, ଖାସ୍ କରି ଯୁଆନ୍ ପିଢ଼ିଙ୍କୁ ଅନ୍‌ଲାଇନ୍ ଖେଲର୍ ସାମାଜିକ୍, ଆର୍ଥିକ୍ ମାନସିକ ଆଉ ଗୋପନୀୟତାର୍ ଖରାପ୍ ପ୍ରଭାବ୍‌ନୁ ସୁରକ୍ଷା ଦେବାର୍‌ଟା ଇ ବିଲ୍‌ର ମୁଖ୍ୟ ଉଦ୍ଦେଶ୍ ଆଏ ।  ଜନସ୍ୱାର୍ଥକେ ନଜର୍‌ଥି ରଖିକରି ଜାତୀୟ ସ୍ତରଥି ଆଇନ୍‌ଗତ ଢାଂଚା ଥାପ୍‌ନା ଲାଗି ଇ ବିଲ୍‌ଥି ବ୍ୟବସ୍ଥା କରାଯାଇଛେ । ଅନ୍‌ଲାଇନ୍ ଗେମିଂଥି ବେଆଇନ୍ ଆର୍ଥିକ୍ କାର୍‌ବାର୍ ଆଉ ଆଇନ୍ ଉଲ୍ଲଂଘନ୍ କଲେ ୩ ବଛର୍‌ତକ୍ ଜେଲ୍‌ଦଣ୍ଡ ଆଉ ୧ କୋଟି ଟଙ୍କାତକ୍ ଜରିମାନା ବ୍ୟବସ୍ଥା ରହିଛେ ।

ଅଗ୍ନି-୫ ଏକ୍ସ

ବାଲେଶ୍ୱର୍ ଚାନ୍ଦିପୁର୍ କ୍ଷେପଣାସ୍ତ୍ର ଘାଟିନୁ ଆଏଜ୍ ଅଗ୍ନି- ୫ କ୍ଷେପଣାସ୍ତ୍ରର୍ ସଫଲ୍ ଉତ୍କ୍ଷେପଣ୍ ହେଇଛେ । ଇଂଟର୍ କଂଟିନେଂଟାଲ୍ ବାଲାଷ୍ଟିକ୍ ମିଶାଇଲ୍ ବର୍ଗର ଅଗ୍ନି-୫ କ୍ଷେପଣାସ୍ତ୍ର ପରମାଣୁ ଯୁଦ୍ଧାସ୍ତ୍ର ବହନ୍ କର୍‌ବାର୍ କ୍ଷମତା ରଖିଛେ । ଇତାର୍ ଲକ୍ଷ୍ୟଭେଦୀ କ୍ଷମତା ୫ ହଜାର୍ କିଲୋମିଟର୍‌ନୁ ଅଏତ୍‌କା ରହିଛେ ।

ଉପରାଷ୍ଟ୍ରପତି-ନାମାଙ୍କନ ଏନ୍‌ଏସ୍‌ଡି

ଜାତୀୟ ଗଣତାନ୍ତ୍ରିକ ମେଂଟ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍ ଆଏଜ୍ ନାମାଙ୍କନ ପତ୍ର ଦାଖଲ୍ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂଙ୍କର୍ ସହେତେ ଏନ୍‌ଡିଏର ସହଯୋଗୀ ଦଲର୍ ନେତାମାନେ ଉପସ୍ଥିତ୍ ଥିଲେ । ଉପରାଷ୍ଟ୍ରପତି ନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବାର୍ ଆଘୋନୁ ଶ୍ରୀ ରାଧାକ୍ରିଷ୍ଣନ୍ ସଂସଦ୍ ଭବନ୍ ପରିସର୍ ନ ଥିବା ପ୍ରେରଣାସ୍ଥଲ୍ ନ ଫୁଲ୍‌ମାଲ୍ ଚଢ଼େଇଥିଲେ । ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କୁ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ କର୍‌ବାର୍ ଲାଗି

ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସବୁ ସାଂସଦ୍ ମାନ୍‌କର୍ ସହଯୋଗ୍ କାମ୍‌ନା କରିଛନ୍ ବଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ ।

ସେଆଡ଼େ ଇଣ୍ଡି ମେଂଟର୍ ଉପରାଷ୍ଟ୍ରପତି ପ୍ରାର୍ଥୀ ଆଉ ସୁପ୍ରିମ୍‌କୋର୍ଟ ଆଘର୍ ବିଚାର୍‌ପତି ବି. ସୁଦର୍ଶନ୍ ରେଡ୍ଡୀ ଆଏବା କାଏଲ୍ ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବେ ।

ଉପରାଷ୍ଟ୍ରପତି ନିର୍ବାଚନ୍ ଲାଗି ୨୨ ତାରିଖ୍ ନାମାଙ୍କନ୍ ପତ୍ର ଯାଂଚ୍ କରାଯିବାର୍ ସହେତେ ୨୫ ତାରିଖ୍‌କେ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ରଖାଯାଇଛେ । ଆଏବା ୯ ତାରିଖ୍ ଉପରାଷ୍ଟ୍ରପତି ନିର୍ବାଚନ୍ ହେବା ।

ମୁଖ୍ୟମନ୍ତ୍ରୀ- ଓଡ଼ିଶା ଭବନ୍ ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ନୂଆଦିଲ୍ଲୀ ନ ତିଆର୍ ଚାଲିଥିବା ନୂଆଁ ଓଡ଼ିଶା ଭବନ୍ କାମ୍‌ର ଅଗ୍ରଗତିର୍ ସମୀକ୍ଷା କରିଛନ୍ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଇ ନୂଆଁ ଭବନ୍ ନ ଓଡ଼ିଶାର୍ ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲ୍‌ପୁରୀ ଇକତ୍, ଓଡ଼ିଆ ପରମ୍ପରା ଆର୍ ସଂସ୍କୃତି ଝଲକ୍ ଦେଖାବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ନିର୍ମାଣ୍ କାମ୍ ତୁର୍ତି ସାର୍‌ବାର୍‌କେ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ପାରା ଲିଗାଲ୍ ସ୍ୱେଚ୍ଛାସେବୀ          ହି.ସ.

ମହିଳାମାନ୍କର୍ ସୁରକ୍ଷା ଲାଗି ଫି’ ପଂଚାୟତ୍ ନ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ନିଯୁକ୍ତି ଦେବାର୍କେ ରାଜ୍ୟ ସର୍କାର୍ ନିଷ୍ପତି ନେଇଛନ୍ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ, ମହିଳାମାନେ କେନ୍‌ସି ଭିଲ୍ ପ୍ରକାର୍ ନିର୍ଯ୍ୟାତନାର୍ ଶିକାର୍ ହେଲେ ପହେଲା ପାରା ଲିଗାଲ୍ ସ୍ୱେଚ୍ଛାସେବୀମାନ୍‌କୁ ଜନାବେ । ସେମାନେ ତୁର୍ତି ମହିଳାମାନ୍‌କୁ ପ୍ରାରମ୍ଭିକ ନ୍ୟାୟିକ ସହାୟତା ଯୁଗେଇ ଦେବେ । ସମସ୍ୟାକେ ଥାନା ନୁ କୋର୍ଟତକ୍ ଭିଲ୍ ପୁହୁଁଚାବେ । ନିର୍ଯ୍ୟାତନା ବାବ୍‌ଦେ ମହିଳାମାନ୍‌କୁ ସଚେତନ୍ କରାଯିବାର୍ ସହେତେ ଇଥି ଅଙ୍ଗନବାଡ଼ି କର୍ମୀମାନ୍‌କୁ ଭିଲ୍ ସାମିଲ୍ କରାଯିବା ବଲି ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ସହେତେ ଆଲୋଚନା କର୍‌ବାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ସ୍ୱରାଷ୍ଟ୍ରମନ୍ତ୍ରୀ-ରାଜସ୍ୱ ମନ୍ତ୍ରୀ          ହି.ସ.

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ନୂଆଦିଲ୍ଲୀ ଠାନେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ

ଭେଟିକରି ରାଏଜେ ବିପର୍ଯ୍ୟୟ ପରିଚାଲନା ବାବ୍ଦେ ଆଲୋଚନା କରିଛନ୍ । ଶ୍ରୀ ପୂଜାରୀ ଓଡ଼ିଶା ନ ୫ ଶହ ବାତ୍ୟା ଆଶ୍ରୟସ୍ଥଳୀ ଲାଗି ୨ ହଜାର୍ କୋଟି ଟଙ୍କାର୍ ସାହାଜ୍ ଇ ଅବ୍ସରେ ଦାବି କରିଛନ୍ । ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ୍ ଭିତିଭୂମିର୍ ବିକାଶ୍ ଲାଗି ୮ ହଜାର୍ ୩ ଶହ ୬୩ କୋଟି, ଆଗ୍ତୁରା ବିପର୍ଯ୍ୟୟ ସତର୍କ ସୂଚ୍ନା ବ୍ୟବସ୍ଥାର୍ ଆଧୁନିକ୍କରଣ୍ ଲାଗି ୨ ଶହ କୋଟି, ସମୁଦ୍ର ଚପ୍ତୁଥିବା ଇଲାକାମାନ୍କର୍ ସୁରକ୍ଷା ଲାଗି କେନ୍ଦ୍ରୀୟ ଯୋଜ୍ନାଥି ଅନୁଦାନ୍ ଦେବାର୍କେ ଶ୍ରୀ ପୂଜାରୀ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅନୁରୋଧ୍ କରିଛନ୍ । ଇତାର୍ସହେତେ ବିପର୍ଯ୍ୟୟର୍ ସୁପରିଚାଲନା ଲାଗି ରାଜସ୍ୱ ମନ୍ତ୍ରୀ ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତରର୍ ସହଯୋଗ୍ ଭିଲ୍ ମାଗିଛନ୍ ।

କ୍ରୁଜ୍ ଭାରତ୍ ମିଶନ        ଏନ୍ଏସ୍ଡି

ଓଡ଼ିଶା ନ ଜାହାଜ୍ ଆଧାରିତ୍ ପର୍ଯ୍ୟଟନକେ ତହଁକାବାର୍ ଲାଗି କେନ୍ଦ୍ର ସର୍କାର୍ କ୍ରୁଜ୍ ଭାରତ୍ ମିଶନ୍ ଯୋଜ୍ନାଥି ରାଜ୍ୟର୍ ୪ ଟା ରିଭର୍ କ୍ରୁଜ୍ ସର୍କିଟ୍କେ ବିକଶିତ୍ କର୍ବାର୍କେ ଯୋଜ୍ନା କରିଛନ୍ । ଯୋଜ୍ନାଥି ଭିତର୍ କନିକା ଜଙ୍ଗଲ୍, କଟକ୍ର ଜୋବ୍ରା, ଲଲିତ୍ଗିରି-ଉଦୟଗିର-ରତ୍ନଗିରି ଆଉ ବାଲେଶ୍ୱର୍ର ହିଡ୍ଡେନ୍ ବ୍ରିଜ୍କେ ଚିହ୍ନଟ୍ କରାଯାଇଛେ । ରାଜ୍ୟସଭା ନ ଆଏଜ୍ ଗୁଟେ ମୌଖିକ୍ ପ୍ରଶ୍ନର୍ ଉତର୍

ଦେଇକରି କେନ୍ଦ୍ର ବନ୍ଦର, ଜାହାଜ୍ ଆଉ ଜଲପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ କହିଛନ୍ ।

ଆଇଆଇଏମ୍‌ସି-ଲୋକ୍‌ସଭା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍‌ସି ର ସାମଗ୍ରିକ ବିକାଶ୍ ଲାଗି ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ଲୋକ୍‌ସଭା ନ ଆଏଜ୍ କେନ୍ଦ୍ର ସୂଚନା ଆଉ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍. ମୁରୁଗନ୍ କହିଛନ୍ । ସାଂସଦ୍ ରୁଦ୍ର ନାରାୟଣ୍ ପାଣିଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି କେନ୍ଦ୍ରମନ୍ତ୍ରୀ କହିଛନ୍, ଇ ଆର୍ଥିକ୍ ବଛ୍‌ରେ ଆଇଆଇଏମ୍‌ସି ଢେଙ୍କାନାଲ୍‌ର ବିକାଶ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଇଛେ । ସଂସ୍ଥାନ୍‌ର ଅଡ଼ିଓ- ଭିଡ଼ିଓ, ପ୍ରଶାସନିକ୍ ଆଉ ଶୈକ୍ଷିକ ବ୍ଲକ୍‌ର ନବୀକରଣ୍ କରାଯାଇଛେ । ଇତାର୍‌ସହେତେ ଇ ଶିକ୍ଷାବଛ୍‌ରେ ନୂଆଁ ପାଠ୍ୟକ୍ରମ କର୍ପୋରେଟ୍ କମ୍ୟୁନିକେସନ୍ ଆଉ ବ୍ରାଣ୍ଡ୍ ମେନେଜ୍‌ମେଂଟ୍ ମୁଲ୍ ହେଇଛେ । ଆଇଆଇଏମ୍‌ସିକେ ୨୦୨୪ ବେଲ୍‌କେ ଡିମ୍‌ଡ୍-ଟୁ-ବି ମାଏନ୍‌ତା ମିଲିଛେ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

ପିଏମ୍- ନବୀନ୍ ପଟ୍ଟନାୟକ୍ ହି.ସ.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ବିରୋଧୀ ଦଳ ନେତା ନବୀନ୍ ପଟ୍ଟନାୟକଙ୍କୁ ଫୋନ୍ କରିକରି ସ୍ୱାସ୍ଥ୍ୟବସ୍ଥା ପଚ୍‌ରେଇ ବୁଝିଛନ୍ । ଇତାର୍‌ସହେତେ ନବୀନ୍‌ଙ୍କର୍ ଆଶୁ ଆରୋଗ୍ୟ କାମନା କରିକରି ବିଶ୍ରାମ୍ ନେବାର୍‌କେ ପରାମର୍ଶ ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ସ୍ୱାସ୍ଥ୍ୟବସ୍ଥା ବିଗ୍‌ଡ଼ିବାର୍‌ନୁ କିଛିଦିନ୍ ତଲେ ନବୀନ୍ ପଟ୍ଟନାୟକ୍‌ଙ୍କୁ ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ଡାକ୍ତର୍‌ଖାନା ନ ଭର୍ତି କରାଯାଇଛେ ।

କୃଷି ଅଧିକାରୀ-କ୍ଷେତ୍ର ପରିଦର୍ଶନ୍ I&PR

ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ କୃଷିଭିତିକ୍ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍‌କେ ଲୋକାଭିମୁଖୀ କର୍‌ବାର୍ ଲାଗି କୃଷି ବିଭାଗ୍ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ୍ କର୍‌ବେ । ଇ ବାବ୍‌ଦେ ଆଏଜ୍ କୃଷି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ କୁମାର୍ ପାଢ଼ୀ ଗୁଟେ ନିର୍ଦ୍ଦେଶ୍‌ନାମା ଜାରି କରିଛନ୍ । ତାଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ନିୟମିତ୍ ଭାବେ ଭିନ୍ ଭିନ୍ ଜିଲ୍ଲା ଆଉ ବ୍ଲକ୍‌କେ ଯାଇକରି ଚାଷ୍‌ବାସ୍‌ର ବାସ୍ତବିକ୍ ଥିତି ଅନୁଧ୍ୟାନ୍ କର୍‌ବେ । ତଲ୍‌ସ୍ତର୍ ନ ବାସ୍ତବିକ୍ ଥିତି ଅନୁଧ୍ୟାନ୍ କଲା

ଉତ୍ରୁ ହିଁ ଚାଷ୍ ଆଉ ଚାଷୀ ମାନ୍କର୍ ସମସ୍ୟାର୍ ସମାଧାନ୍ ହେଇପାର୍ବା ବଲି ଡକ୍ଟର୍ ପାଢ଼ୀ କହିଛନ୍ ।

ପଦ୍ମଶ୍ରୀ ବିନୋଦ ପଶାୟତ-ପରଲୋକ  ସମ୍ବଲପୁର

ସମ୍ବାଦଦାତା

ବିଶିଷ୍ଟ ସାହିତ୍ୟିକ ନାଟ୍ୟକାର୍, କବି ଆଉ ଲେଖକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କର୍ ଆଏଜ୍ ୯୧ ବଛର୍ ବୟସଥି ପରଲୋକ୍ ହେଇଯାଇଛେ । ବହୁତ୍ ଦିନ ହେଲା ସେ ଅସୁସ୍ଥ ଥିଲେ । ଆଏଜ୍ ସ୍ୱାସ୍ଥ୍ୟଅବସ୍ଥା ବିଗ୍ଡ଼ିବାର୍ନୁ ସମ୍ବଲ୍ପୁର୍ ମୁଖ୍ୟ ଡାକ୍ତର୍ଖାନାକେ ନିଆଯାଇଥିଲା । ମାତରକ ଚିକିତ୍ସାଧୀନ ଅବସ୍ଥାଥି ତାଙ୍କର୍ ମୃତ୍ୟୁ ହେଇଥିଲା । ପଦ୍ମଶ୍ରୀ ବିନୋଦ୍ ପଶାୟତ୍ଙ୍କର ମୃତ୍ୟୁ ଖବର୍ ପ୍ରସାରିତ୍ ହେବାର୍ ଉତ୍ରୁ ସମ୍ବଲ୍ପୁର୍ ସେନ୍ପାର୍କ ଠାନେ ଥିବା ତାଙ୍କର୍ ଘର୍କେ ବହୁତ୍ ବିଶିଷ୍ଟ ବ୍ୟକ୍ତି ପୁହୁଁଚିକରି ଶେଷଦର୍ଶନ୍ କରିଛନ୍ । ଜିଲ୍ଲା ପ୍ରଶାସନ୍ ତର୍ଫୁ ଗାର୍ଡ଼ ଅଫ୍ ଅନର୍ ଦିଆଯିବାର୍ ଉତ୍ରୁ ଅନ୍ତିମ୍ ସତ୍କାର୍ କରାଯାଇଥିଲା । ବଲାଙ୍ଗିର୍ ଜିଲ୍ଲାର୍ ଟିକିରାପଡ଼ା ଠାନେ ଜନମ୍ ହେଇଥିବା ବିନୋଦ୍ ପଶାୟତ୍ ପାଠ୍ପଢ଼ା ଛାଡ଼ିକରି କୌଳିକ ବୃତିଥି ବାପାଙ୍କୁ ସହଯୋଗ୍ କରିଥିଲେ । ମାତରକ ତାଙ୍କର୍ ଭିତ୍ରେ ଥିବା ସାହିତ୍ୟ କଳା

ଆଏଜ୍ ତାଙ୍କୁ ରାଜ୍ୟ ଆଉ ରାଜ୍ୟ ବାହାରେ ଭିନେ ମାଏନ୍‌ତା ଦେଇପାରିଛେ ।

ତାଙ୍କର ପରଲୋକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ୍ କରିଛନ୍ ।

ନିଟ୍ ପରୀକ୍ଷା-ସମ୍ବଲ୍‌ପୁର୍ ଝିଅ ହି.ସ.

ସମ୍ବଲ୍‌ପୁର୍ ଜିଲ୍ଲା ବାମ୍‌ରା ବ୍ଲକ୍ ଉଚ୍‌କାପାଟ୍ ଗାଁର୍ ଚାଷୀ ଲଲିତ୍ ମୋହନ୍ ମାଝୀଙ୍କର୍ ଝି' ଲିଜା ମାଝୀ ୨୦୨୫ ନିଟ୍-ପିଜି ପରୀକ୍ଷାଥି ସଫଲ୍ ହେଇଛନ୍ । ଇ ସଫଲତା ଉତ୍‌ରୁ ଲିଜା ସୁନ୍ଦର୍‌ଗଡ୍ ସର୍‌କାରୀ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍ ନ ଡାକ୍ତରୀ ପାଠ୍‌ପଢ଼୍‌ବେ । କିଷାନ୍ ସମ୍ପ୍ରଦାୟର୍ ଲିଜା ୨୦୨୧ ମସିହାଥି ବାମ୍‌ରା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରାବାସ୍ ନ ରହିକରି ପାଠ୍ ପଢୁଥିଲେ । ତାଙ୍କର୍ ଇ ସଫଲତା ଉତ୍‌ରୁ ଲିଜାଙ୍କୁ ଭିନ୍ ଭିନ୍ ମହଲ୍‌ନୁ ଶୁଭେଚ୍ଛା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଉପକୂଳ ଓଡ଼ିଶା ଉପ୍ରେ ରହିଥିବା ଅବପାତ ପଶ୍ଚିମ-ଉତର୍ ପଶ୍ଚିମ୍ ଦିଗ୍କେ ବଢ଼ିକରି ଦକ୍ଷିଣ ଭିତ୍ରିଆ ଓଡ଼ିଶା ଉପ୍ରେ କେନ୍ଦ୍ରୀଭୂତ ହେଇଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ସମ୍ବଲ୍ପୁର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ବର୍ଗଡ଼୍, ଦେବ୍ଗଡ଼୍ ସହେତେ ୨୦ ଟା ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି  ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।